# NATIONAL NEWS BULLETIN (ODIA)

## 4 February-2025

### Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ଲାଗି ଆସନ୍ତାକାଲି ହେବ ଭୋଟ୍ ଗ୍ରହଣ
- ଆଜି ପ୍ରୟାଗରାଜ ମହାକୁମ୍ଭ ଗସ୍ତ କରିବେ ଭୁଟାନ ରାଜା
- ମେକ୍ସିକୋ ଉପରେ ଲାଗୁ ହୋଇଥିବା ଶୁଳ୍କ ବୃଦ୍ଧିକୁ ଏକମାସ ଘୁଞ୍ଚାଇଲେ ଆମେରିକା ରାଷ୍ଟ୍ରପତି
- ଶ୍ରୀଲଙ୍କା ଆଜି ପାଳନ କରୁଛି ୭୭ତମ ସ୍ୱାଧୀନତା ଦିବସ

ଏବଂ

- ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟ୍‌ବଲ ପ୍ରତିଯୋଗିତାରେ ଓଡ଼ିଶା ଏଫ୍‌ସି ଓ ନର୍ଥ-ଇଷ୍ଟ୍ ୟୁନାଇଟେଡ୍ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଅମୀମାଂସିତ

## ଦିଲ୍ଲୀ-ଇଲେକ୍ସନ

୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ଆସନ୍ତାକାଲି ଭୋଟ୍ ଗ୍ରହଣ କରାଯିବ । ୮ ତାରିଖ ଶନିବାର ଦିନ ଗଣତି କରାଯାଇ

ଫଳାଫଳ ପ୍ରକାଶ ପାଇବ । ଏହି ନିର୍ବାଚନରେ  ୬୯୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଗତ ସନ୍ଧ୍ୟାରେ ଦିଲ୍ଲୀରେ ନିର୍ବାଚନ ପ୍ରଚାର କାର୍ଯ୍ୟ ଶେଷ ହୋଇଛି ।

ଏହି ନିର୍ବାଚନରେ  ମୁଖ୍ୟତଃ ବିଜେପି, ଆପ୍ ଓ କଂଗ୍ରେସ ମଧ୍ୟରେ ତ୍ରିକୋଣୀୟ ପ୍ରତିଦ୍ୱନ୍ଦିତା ହେଉଛି । ୧ କୋଟି ୫୬ ଲକ୍ଷରୁ ଊର୍ଦ୍ଧ୍ୱ ମତଦାତା ନିଜର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରି ପ୍ରାର୍ଥୀମାନଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ଭୋଟ୍‌ଗ୍ରହଣ ନିମନ୍ତେ ୧୩ ହଜାର ୭୬୦ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି ।
ନିର୍ବାଚନରେ ଅଧିକ ମତଦାତା ଯେଭଳି ଅଂଶ ଗ୍ରହଣ କରିପାରିବେ, ତାହା ସୁନିଶ୍ଚିତ କରିବା ଲାଗି ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିଭିନ୍ନ ଭୋଟର ଅନୁକୂଳ ପଦକ୍ଷେପମାନ ନିଆଯାଇଛି ।  ନିର୍ବାଚନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି । ମତଦାନ ଲାଗି ୩୫ ହଜାର ଦିଲ୍ଲୀ ପୋଲିସ୍ ଯବାନଙ୍କ ସମେତ ୧୯ ହଜାର ଗୃହରକ୍ଷୀ ତଥା ୨୨୦କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀ ଯବାନମାନଙ୍କୁ ମଧ୍ୟ ମୁତୟନ କରାଯିବା ଲାଗି ବ୍ୟବସ୍ଥା ହୋଇଛି ।

# ମହାକୁମ୍ଭ-କିଙ୍ଗ୍ ଅଫ୍ ଭୁଟାନ

ଭୁଟାନର ରାଜା ଜିଗ୍‌ମେ ଖେସର ନାମଗ୍ୟାଲ ୱାଙ୍ଗଚୁକ୍ ଆଜି ପ୍ରୟାଗରାଜ ମହାକୁମ୍ଭ ଗସ୍ତ କରିବେ । ସେ ତ୍ରିବେଣୀ ସଙ୍ଗମରେ ସ୍ନାନ ମଧ୍ୟ କରିବେ । ଭୁଟାନ ରାଜା ଶ୍ରୀ ୱାଙ୍ଗଚୁକ୍ ଗତକାଲି ଉତ୍ତରପ୍ରଦେଶର ଲକ୍ଷ୍ନୌରେ

ପହଞ୍ଚିଛନ୍ତି । ମହାକୁମ୍ଭରେ ଚଳିତବର୍ଷ କୋଟି କୋଟି ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସମାଗମ ଘଟିଛି । ସେମାନେ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ସଙ୍ଗମସ୍ଥଳ ତ୍ରିବେଣୀ ସଙ୍ଗମରେ ପବିତ୍ର ସ୍ନାନ କରୁଛନ୍ତି । ଭୁଟାନର ରାଜା ମହାକୁମ୍ଭ ମେଳା ପରିଦର୍ଶନ ସମୟରେ ଅକ୍ଷୟବଟ ଏବଂ ବଡେ ହନୁମାନ ମନ୍ଦିର ପରିଦର୍ଶନ କରିବେ । ଡିଜିଟାଲ ମହାକୁମ୍ଭ କିଭଳି ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଲୋକପ୍ରିୟତା ହାସଲ କରିଛି, ସେ ସଂପର୍କରେ ମଧ ଭୁଟାନର ରାଜାଙ୍କୁ ଅବଗତ କରାଯିବ । ଏହି ଗସ୍ତ ସମୟରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉପସ୍ଥିତ ରହିବେ । ଗତ ସପ୍ତାହରେ ୭୧ଟି ଦେଶର ୧୦୦ ଜଣିଆ ବିଦେଶୀ ପ୍ରତିନିଧି ଦଳ ସଙ୍ଗମରେ ସ୍ନାନ କରିଥିଲେ । ଜାନୁଆରୀ ୧୩ ତାରିଖରୁ ଆରମ୍ଭ ହୋଇଥିବା ମହାକୁମ୍ଭ ମେଳା ଚଳିତମାସ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏପର୍ଯ୍ୟନ୍ତ ତ୍ରିବେଣୀ ସଙ୍ଗମରେ ୩୭ କୋଟିରୁ ଅଧିକ ଲୋକ ପବିତ୍ର ସ୍ନାନ କରିସାରିଥିବା ସୂଚନା ମିଳିଛି ।

## ବିମାନ ଉଡାଣ

ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ କହିଛନ୍ତି ନଏଡାସ୍ଥିତ ଏସିଆର ବୃହତ୍ତମ ଜେୱାର ଆନ୍ତର୍ଜାତିକ ବିମାନ ବନ୍ଦରରୁ ଆସନ୍ତା ଏପ୍ରିଲ ମାସରୁ ନିୟମିତ ବିମାନ ଉଡାଣ ଚାଲିବ । ରାଜ୍ୟସଭାରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ନିର୍ଦ୍ଧାରିତ ଲକ୍ଷ୍ୟ ଅନୁଯାୟୀ ବିମାନ ବନ୍ଦରର କାର୍ଯ୍ୟ ଜାରି ରହିଛି । ସେ କହିଛନ୍ତି

ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଭାରତ ବିଶ୍ୱର ଏକ ଅଗ୍ରଣୀ ରାଷ୍ଟ୍ର । ପ୍ରତିବର୍ଷ ଦେଶରେ ୧ହଜାର ୬୦୦ଜଣକୁ କମର୍ସିଆଲ ପାଇଲଟ ଲାଇସେନ୍ସ ପ୍ରଦାନ କରାଯାଉଛି । ଦେଶରେ ୫୪ଟି ବିମାନ ପ୍ରଶିକ୍ଷଣ ଅନୁଷ୍ଠାନ କାର୍ଯ୍ୟ କରୁଛି । ୨୦୨୨ ମସିହାରେ ବିମାନ ଉଡାଣ କ୍ଷେତ୍ରରେ ବୈଷୟିକ ତ୍ରୁଟିଜନିତ ସମସ୍ୟା ୭୨୩ ଥିବାବେଳେ ଏବେ ଏହା ୨୭୩କୁ ହ୍ରାସ ପାଇଛି । ଉଡାନର ସମ୍ପ୍ରସାରିତ ଯୋଜନାରେ ଆସନ୍ତା ୧୦ବର୍ଷ ମଧ୍ୟରେ ଦେଶରେ ଆଉ ୧୦୦ଟି ନୂତନ ବିମାନ ବନ୍ଦର ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାଇଡୁ କହିଛନ୍ତି ।

## ଟ୍ରମ୍ପ-ଟାରିଫ୍ ଡିଲେ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମେକ୍ସିକୋ ଉପରେ ଲାଗୁ କରିଥିବା ଶୁଳ୍କ ବୃଦ୍ଧିକୁ ଏକମାସ ବିଳମ୍ବିତ କରିଛନ୍ତି । ଶ୍ରୀ ଟ୍ରମ୍ପ କହିଛନ୍ତି ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେନ୍‌ବାମ୍‌ଙ୍କ ସହ ତାଙ୍କର ବନ୍ଧୁତ୍ୱପୂର୍ଣ୍ଣ କଥାବାର୍ତ୍ତା ହୋଇଛି ଏବଂ ସେ ଆମେରିକା-ମେକ୍ସିକୋ ସୀମାକୁ ୧୦ ହଜାର ସୈନିକ ପଠାଇବାକୁ ରାଜି ହୋଇଛନ୍ତି । କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ସହ ଆଲୋଚନା ଜାରି ରହିଛି ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି ।

ମେକ୍ସିକୋରୁ ଆସୁଥିବା ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ସମେତ କାନାଡାରୁ ଆସୁଥିବା ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଏବଂ ଶକ୍ତି ଉତ୍ସ

ଉପରେ ଅତିରିକ୍ତ ୧୦ ପ୍ରତିଶତ ଶୁଳ୍କ ଏବଂ ଚୀନ୍‌ରୁ ଆମଦାନୀ ଉପରେ ଅତିରିକ୍ତ ୧୦ ପ୍ରତିଶତ ଶୁଳ୍କ ଆଜିଠାରୁ ଲାଗୁ କରିବା ନେଇ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ନିର୍ଦ୍ଦେଶ ଦେଇଥିଲେ ।

## ଶ୍ରୀଲଙ୍କା ନ୍ୟାଶନାଲ୍ ଡେ

ଶ୍ରୀଲଙ୍କା ଆଜି ତା'ର ୭୭ତମ ସ୍ୱାଧୀନତା ଦିବସ ପାଳନ କରୁଛି । କଲମ୍ବୋର ଇଣ୍ଡିପେଣ୍ଡେନ୍ସ ଛକରେ ଏଥିଲାଗି ଆନୁଷ୍ଠାନିକ ଭାବେ ଉତ୍ସବ ପାଳନ ହେବାକୁ ଥିବା ବେଳେ ଅନ୍ୟ ସହର ଗୁଡ଼ିକରେ ମଧ୍ୟ ଉତ୍ସବ ପାଳନ କରାଯିବ ।

ଦେଶରେ ଅର୍ଥନୈତିକ ସଂସ୍କାର ସମେତ ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ଶ୍ରୀଲଙ୍କା ସରକାର ଏକ ନୂତନ ଦୃଷ୍ଟିକୋଣ ସହ ଏହି ଦିବସ ପାଳନ କରୁଛନ୍ତି । ସେଠାକାର ପୋଲିସ୍ ମୁଖପାତ୍ର ବୁଦ୍ଧିକା ମନାତୁଙ୍ଗା କହିଛନ୍ତି, ସୁରକ୍ଷା ଦୃଷ୍ଟିରୁ ଅଧିକ ୧୦ ହଜାର ପୋଲିସ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି । ସରକାରୀ କାର୍ଯ୍ୟକ୍ରମରେ ସାମରିକ ପରେଡ୍, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକଙ୍କ ସ୍ୱତନ୍ତ୍ର ଅଭିଭାଷଣ ପରେ ଶ୍ରୀଲଙ୍କା ନୌସେନା ପକ୍ଷରୁ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

ଗତବର୍ଷ ସ୍ୱାଧୀନତା ଦିବସ ସମାରୋହରେ ଶ୍ରୀଲଙ୍କା ୨୦୦ ନିୟୁତ ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ଚଳିତବର୍ଷ ଏହାକୁ ୮୭ ନିୟୁତ ଟଙ୍କାରେ ସୀମିତ ରଖିଛି ।

## କଙ୍ଗୋ

ପୂର୍ବ କଙ୍ଗୋରେ ରୁଆଣ୍ଡା ସମର୍ଥିତ ଏମ୍-୨୩ ବିଦ୍ରୋହୀମାନେ ଏକତରଫା ଅସ୍ତ୍ରବିରତି ଘୋଷଣା କରିଛନ୍ତି । ମାନବିକତା ଦୃଷ୍ଟିରୁ ସେମାନେ ଏହି ଅସ୍ତ୍ର ବିରତି ଘୋଷଣା କରିଥିବା କହିଛନ୍ତି । ଗତ ସପ୍ତାହରେ ବିଦ୍ରୋହୀ ଓ କଙ୍ଗୋ ସେନା ମଧ୍ୟରେ ହୋଇଥିବା ସଂଘର୍ଷରେ ଶତାଧିକ ଲୋକ ପ୍ରାଣ ହରାଇବା ପରେ ଏମ୍-୨୩ ବିଦ୍ରୋହୀମାନେ ଗତକାଲି ଏହି ଘୋଷଣା କରିଛନ୍ତି । ଉଭୟ ପକ୍ଷ ମଧ୍ୟରେ ଦୀର୍ଘଦିନ ଧରି ଲଢ଼େଇ ଜାରି ରହିଥିବାରୁ ଜାତିଗତ ଉତ୍ତେଜନା ବୃଦ୍ଧି ପାଇଛି । ହିଂସାକୁ ଦୃଷ୍ଟିରେ ରଖି କେନିଆ ରାଷ୍ଟ୍ରପତି ୱିଲିୟମ୍ ରୁଟୋଙ୍କ ସମେତ ଆଞ୍ଚଳିକ ନେତାମାନେ କଙ୍ଗୋ ଏବଂ ରୁଆଣ୍ଡା ରାଷ୍ଟ୍ରପତିଙ୍କ ସହ ଏକ ଶିଖର ସମ୍ମିଳନୀ କରିବାକୁ ଯୋଜନା କରୁଛନ୍ତି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ୫ ଦିନର ତୀବ୍ର ସଂଘର୍ଷ ପରେ ଗୋମାରୁ ୯୦୦ରୁ ଅଧିକ ମୃତଦେହ ଉଦ୍ଧାର କରାଯାଇଛି । ଏହି ସଂଘର୍ଷରେ ପାଖାପାଖି ୨ହଜାର ୯୦୦ ଲୋକ ଆହତ ହୋଇଛନ୍ତି ।

ତେବେ ଅସ୍ତ୍ର ବିରତି ନେଇ କଙ୍ଗୋ ସରକାର ଏପର୍ଯ୍ୟନ୍ତ କୌଣସି ଘୋଷଣା କରି ନାହାନ୍ତି ।

## ଆର୍‌ବିଆଇ -୨୦୦୦ ନୋଟ୍

ଦେଶରେ ଗତମାସ ୩୧ ତାରିଖ ସୁଦ୍ଧା ପ୍ରଚଳନରେ ଥିବା ୨ହଜାର ଟଙ୍କିଆ ନୋଟର ମୂଲ୍ୟ ୬ ହଜାର ୫୭୭ କୋଟି ଟଙ୍କାକୁ ହ୍ରାସ ପାଇଛି। ଏ ସଂପର୍କରେ ରିଜର୍ଭ ବ୍ୟାଙ୍କ ସୂଚନା ଦେଇ କହିଛି, ୨୦୨୩ରେ ପ୍ରଚଳନରେ ଥିବା ୩.୫୬ ଲକ୍ଷ କୋଟି ଟଙ୍କାର ନୋଟ୍ ମଧ୍ୟରେ ୯୮ ଦଶମିକ ୧/୫ ପ୍ରତିଶତ ଫେରି ଆସିଛି । ୨୦୨୩ ମେ ୧୯ ତାରିଖରେ ରିଜର୍ଭ ବ୍ୟାଙ୍କ ୨ ହଜାର ଟଙ୍କିଆ ନୋଟ୍ ପ୍ରତ୍ୟାହାର ଘୋଷଣା କରିଥିଲା ଏବଂ ସେହିବର୍ଷ ଅକ୍ଟୋବର ୭ ତାରିଖ ସୁଦ୍ଧା ବ୍ୟାଙ୍କରେ ମୋଟ୍ ଜମା କିମ୍ବା ବଦଳାଇବାକୁ କହିଥିଲା । ୨ହଜାର ଟଙ୍କିଆ ନୋଟ୍ ବୈଧ ଥିବା ବେଳେ ସେଗୁଡ଼ିକୁ ବଦଳାଇବା କିମ୍ବା ଜମା କରିବା ଲାଗି ଅନୁରୋଧ କରିଛି ।

## ଫୁଟବଲ୍

ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟ୍‌ବଲ ପ୍ରତିଯୋଗିତାରେ ଗତକାଲି ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ଓ ନର୍ଥ-ଇଷ୍ଟ ୟୁନାଇଟେଡ୍ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଅମୀମାଂସିତ ରହିଛି । ଉଭୟ ପକ୍ଷ ୨ଟି ଲେଖାଏଁ ଗୋଲ୍ ଦେଇଛନ୍ତି ।

ଆସନ୍ତାକାଲି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ କୋଲକାତା ସଲ୍ଟ ଲେକ୍ ଷ୍ଟାଡିୟମରେ ଏଫ୍‌ସି ମୋହନ ବାଗନ ଏବଂ ପଞ୍ଜାବ ଏଫ୍‌ସି ମଧ୍ୟରେ ମୁକାବିଲା ହେବ ।

## ମହିଳା କ୍ରିକେଟ୍

ଭାରତୀୟ ମହିଳା କ୍ରିକେଟ ଦଳ କ୍ରମାଗତ ଭାବେ ଦ୍ୱିତୀୟଥର ଲାଗି ଟି-ଟ୍ୱେଣ୍ଟି ବିଶ୍ୱକପ୍ ଜିତିବା ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ– ବିସିସିଆଇ ୫ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛି। ମାଲେସିଆର ଓଭାଲିନ୍ ସ୍ଥିତ ବାୟୁମାସ୍ ଷ୍ଟାଡିୟମରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଆଇସିସି ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଭାରତୀୟ ମହିଳା ଦଳ ବିଜୟ ହାସଲ କରିଛି। ଏହା ପୂର୍ବରୁ ୨୦୨୩ ମସିହାରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ପ୍ରଥମ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଭାରତୀୟ ମହିଳା ଦଳ ସେଫାଳୀ ବର୍ମାଙ୍କ ନେତୃତ୍ୱରେ ବିଜୟ ହାସଲ କରିଥିଲା।